# NATIONAL NEWS BULLETIN (ODIA)

**30 August - 2024**

**Mid-Day : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ସେବା ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ଫିନ୍‌ଟେକ୍, କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ମହାରାଷ୍ଟ୍ରର ପାଲ୍‌ଘରରେ ନିର୍ମିତ ସବୁଠାରୁ ଗଭୀର ଜଳ ବଧାବନ ବନ୍ଦରର ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

- ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ ୱାକଫ୍ ସଂଶୋଧନ ବିଧେୟକ ସଂପର୍କିତ ଯୁଗ୍ମ ସଂସଦୀୟ କମିଟିର ବୈଠକ ।

ଏବଂ

- ପ୍ୟାରିସ୍ ପାରା ଅଲିମ୍ପିକ୍ସ କ୍ରୀଡ଼ାର ଆଜି ଦ୍ୱିତୀୟ ଦିନରେ ୩ଟି ପ୍ରତିଯୋଗିତାରେ ପ୍ରଦର୍ଶନ କରିବେ ଭାରତୀୟ କ୍ରୀଡ଼ାବିତ୍ ।

---

## ପିଏମ୍-ଫିନ୍‌ଟେକ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସମୟ ଥିଲା, ଯେତେବେଳେ ବିଦେଶରୁ ଆସୁଥିବା ଲୋକମାନେ ଭାରତର ସାଂସ୍କୃତିକ ବିବିଧତା ଦେଖି ଆଶ୍ଚର୍ଯ୍ୟ ହେଉଥିଲେ । କିନ୍ତୁ ଆଜି ଯେଉଁମାନେ ଭାରତ ଆସୁଛନ୍ତି ସେମାନେ ଭାରତର ଫିନ୍‌ଟେକ୍ ବିବିଧତା ଦେଖି ଆଶ୍ଚର୍ଯ୍ୟ

ହେଉଛନ୍ତି । ପ୍ରଧାନମନ୍ତ୍ରୀ ଆଜି ମୁମ୍ବାଇଠାରେ ଗ୍ଲୋବାଲ୍ ଫିନ୍‌ଟେକ୍ ଫେଷ୍ଟ୍-୨୦୨୪କୁ ସମ୍ବୋଧିତ କରି ଏହା କହିଛନ୍ତି । ସେ କହିଛନ୍ତି ଆଜି ଦେଶରେ ୫୩ କୋଟିରୁ ଅଧିକ ଲୋକଙ୍କ ପାଖରେ ଜନ୍‌ଧନ ବ୍ୟାଙ୍କ ଖାତା ଅଛି । ବିଗତ ୧୦ବର୍ଷ ମଧ୍ୟରେ ଦେଶର ଏକ ପ୍ରମୁଖ ଅଂଶ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସହିତ ଯୋଡ଼ିହୋଇ ପାରିଛନ୍ତି । ଯାହାଫଳରେ ସେମାନେ ଆର୍ଥିକ ଅନ୍ତର୍ଭୁକ୍ତି ପ୍ରକ୍ରିୟାରେ ସାମିଲ ହେବା ସହ ଦେଶର ଅର୍ଥନୈତିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ସାରା ବିଶ୍ୱର ଅଧାରୁ ଅଧିକ ରିଏଲ୍ ଟାଇମ୍ ଡିଜିଟାଲ୍ ଟ୍ରାଞ୍ଜାକ୍‌ସନ କେବଳ ଭାରତରେ ହେଉଛି । କେବଳ ସେତିକି ନୁହେଁ, ଭାରତର ୟୁପିଆଇ ଫିନ୍‌ଟେକ୍‌ର ସବୁଠାରୁ ବଡ଼ ଉଦାହରଣ ବୋଲି ଶ୍ରୀ ମୋଦୀ କହିଛନ୍ତି । ଏହି ଗ୍ଲୋବାଲ୍ ଫେଷ୍ଟ୍‌କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶରେ ଆର୍ଥିକ ସେବାକୁ ଗଣତାନ୍ତ୍ରିକ ରୂପ ଦେବା କ୍ଷେତ୍ରରେ ଫିନ୍‌ଟେକ୍‌ର ମହତ୍ୱପୂର୍ଣ୍ଣ ଭୂମିକା ରହିଛି । ଭାରତର ନାଗରିକଙ୍କ ପାଇଁ ଇଜ୍ ଅଫ୍ ଲିଭିଙ୍ଗ୍ ବ୍ୟବସ୍ଥାକୁ ଫିନ୍‌ଟେକ୍ ସଫଳ କରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଆଗାମୀ ଦିନରେ ଦେଶ ପାଇଁ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ସେବା ପ୍ରଦାନ କ୍ଷେତ୍ରରେ ଫିନ୍‌ଟେକ୍ ସର୍ବୋତ୍ତମ ବ୍ୟବସ୍ଥା ଗ୍ରହଣ କରିବାକୁ ଯାଉଛି । ସେ କହିଛନ୍ତି:

**V/O**

# ପିଏମ୍-ମହାରାଷ୍ଟ୍ର ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ମହାରାଷ୍ଟ୍ରର ପାଲଘରରେ ନିର୍ମିତ ବଧାବନ ବନ୍ଦର ଏକ ସ୍ୱତନ୍ତ୍ର ପରିଯୋଜନା, ଯାହା ଦେଶର ବିକାଶରେ ମହତ୍ୱପୂର୍ଣ୍ଣ ଯୋଗଦାନ କରିବ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଆଜି ଦେଶର ସବୁଠାରୁ ଗଭୀର ଜଳ ବନ୍ଦର ଭାବେ ଏହାର ଉଦ୍‌ଘାଟନ ହେବ । ୭୬ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ବନ୍ଦର ବିଶ୍ୱସ୍ତରୀୟ ସାମୁଦ୍ରିକ ପ୍ରବେଶ ପଥ ହେବା ସହ ଦେଶର ବାଣିଜ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଛନ୍ତି । ଏହି ବନ୍ଦର  ଅନ୍ତର୍ଜାତୀୟ ଜାହାଜ ଚଳାଚଳ ମାର୍ଗକୁ ସିଧାସଳଖ ସଂଯୋଗ ପ୍ରଦାନ କରିବା ସହିତ ପରିବହନ ସମୟ ଏବଂ ଖର୍ଚ୍ଚ ହ୍ରାସ କରିବାରେ ସହାୟକ ହେବ । ଆଜି ମହାରାଷ୍ଟ୍ର ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରାୟ ଏକ ହଜାର ୫୬୦ କୋଟି ଟଙ୍କାର ୨୧୮ଟି ମତ୍ସ୍ୟ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ଏହାଫଳରେ  ଏହି କ୍ଷେତ୍ରରେ ପାଞ୍ଚ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି।  ଏଥିସହିତ ପ୍ରଧାନମନ୍ତ୍ରୀ ନ୍ୟାସନାଲ ରୋଲ୍ ଆଉଟ୍ ଅଫ୍ ଭେସେଲ୍ କମ୍ୟୁନିକେସନ୍ ଆଣ୍ଡ୍ ସପୋର୍ଟ ସିଷ୍ଟମ୍'ର ଶୁଭାରମ୍ଭ କରିବେ।  ୩୬୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି ।

---

# ଝାଡ଼ଖଣ୍ଡ କ୍ୟାବିନେଟ୍

ଝାଡ଼ଖଣ୍ଡ ମନ୍ତ୍ରିମଣ୍ଡଳରୁ ଚମ୍ପେଇ ସୋରେନ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ଘାଟଶୀଳାର ବିଧାୟକ ରାମଦାସ ସୋରେନଙ୍କୁ ମନ୍ତ୍ରୀପଦ

ମିଳିଛି । ହେମନ୍ତ ସୋରେନଙ୍କ ମନ୍ତ୍ରିମଣ୍ଡଳର ନୂଆ ମନ୍ତ୍ରୀଙ୍କୁ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର ରାଞ୍ଚିସ୍ଥିତ ରାଜଭବନରେ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

## ନଏଡା-ଏୟାରପୋର୍ଟ

ଉତ୍ତରପ୍ରଦେଶର ଜେବର୍ ଠାରେ ଥିବା ନଏଡା ଆନ୍ତର୍ଜାତିକ ବିମାନ ବନ୍ଦରରୁ ଆସନ୍ତାବର୍ଷ ଏପ୍ରିଲ୍ ସୁଦ୍ଧା ବାଣିଜ୍ୟିକ ଉଡ଼ାଣ ଆରମ୍ଭ ହେବ । ବିମାନବନ୍ଦର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତବର୍ଷ ଶେଷସୁଦ୍ଧା ସେଠାରେ ବାଣିଜ୍ୟିକ ଉଡ଼ାଣ ପ୍ରକ୍ରିୟାର ପରୀକ୍ଷଣ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏରୋଡ୍ରମ୍ ଅନୁମତି ନିମନ୍ତେ ଆବେଦନ କରାଯିବ ।

ଏହି ବିମାନ ବନ୍ଦର ଦିଲ୍ଲୀ ତଥା ଉତ୍ତରପ୍ରଦେଶର ପଶ୍ଚିମାଞ୍ଚଳ ସହ ବିଶ୍ୱର ବିଭିନ୍ନ ସ୍ଥାନକୁ ବାଣିଜ୍ୟିକ ଉଡ଼ାଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ ।  ଏଥିଲାଗି ନଏଡା ଆନ୍ତର୍ଜାତିକ ବିମାନ ବନ୍ଦର କେତେକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିବା ଜଣାପଡ଼ିଛି ।

## କ୍ୱିର୍-ଜଏଣ୍ଟ ଆକାଉଣ୍ଟ

କ୍ୱିର୍ ସଂପ୍ରଦାୟର ବ୍ୟକ୍ତିମାନେ ବ୍ୟାଙ୍କରେ ଯୁଗ୍ମ ବ୍ୟାଙ୍କ ଖାତା ବା ଜଏଣ୍ଟ ଆକାଉଣ୍ଟ ଖୋଲିବା ଏବଂ ନିଜ ସଂପ୍ରଦାୟର କୌଣସି ସଂପର୍କୀୟଙ୍କୁ ନୋମିନି ରଖିବା ନେଇ କୌଣସି ପ୍ରତିବନ୍ଧକ ନାହିଁ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । କ୍ୱିର୍ ସଂପ୍ରଦାୟର ଲୋକମାନଙ୍କ ଅସୁବିଧା

ନିମନ୍ତେ ସୁପ୍ରିୟା ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ ସର୍ବୋଚ୍ଚ ନ୍ୟାୟାଳୟରେ ଦାୟର କରିଥିବା ମାମଲାର ଗତବର୍ଷ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଏହି ସ୍ପଷ୍ଟୀକରଣ ଦିଆଯାଇଛି ।

ଏଥିରେ କୁହାଯାଇଛି ଖାତାଧାରୀଙ୍କ ମୃତ୍ୟୁ ହେବା କ୍ଷେତ୍ରରେ ନୋମିନି ବଳକା ଅର୍ଥରାଶି ପାଇପାରିବେ ।

## ଇଣ୍ଡିଆ-ଚୀନ୍

ଭାରତ ଏବଂ ଚୀନ୍ ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ଲାଗି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଉଭୟ ଦେଶ ପ୍ରକୃତ ନିୟନ୍ତ୍ରଣରେଖାର ସମ୍ମାନ କରିବା ସହ ପରିସ୍ଥିତିରେ ଉନ୍ନତି ଆଣିବା ଲାଗି ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ସହମତ ହୋଇଥିବା ଜଣାପଡ଼ିଛି ।

ଗତକାଲି ଚୀନ୍‌ର ବେଜିଂ ଠାରେ ଭାରତ ଓ ଚୀନ୍ ସୀମା ସମସ୍ୟା ସଂପର୍କିତ ପରାମର୍ଶ ଏବଂ ସହଯୋଗ ସମ୍ବନ୍ଧୀୟ ୩୧ତମ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଦେଶିକ ମନ୍ତ୍ରଣାଳୟର ପୂର୍ବ ଏସିଆ ଯୁଗ୍ମ ସଚିବ ଗୌରାଙ୍ଗଲାଲ ଦାସ ଭାରତୀୟ ପ୍ରତିନିଧି ମଣ୍ଡଳର ନେତୃତ୍ୱ ନେଇଥିଲେ । ଚୀନ୍ ପ୍ରତିନିଧି ମଣ୍ଡଳର ନେତୃତ୍ୱ ସେଠାକାର ବିଦେଶ ମନ୍ତ୍ରଣାଳୟର ସୀମା ଏବଂ ମହାସାଗର ବ୍ୟାପାର ବିଭାଗର ମହାନିର୍ଦ୍ଦେଶକ ହୋଙ୍ଗ୍ ଲିଆଙ୍ଗ ନେଇଥିଲେ ।

ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଉଭୟ ଦେଶ ପାରସ୍ପରିକ ମତଭେଦ ହ୍ରାସ କରିବା ସହ ଦୀର୍ଘଦିନ ଧରି ସମାଧାନ ହୋଇନଥିବା ସମସ୍ୟାର କିଭଳି ତ୍ୱରିତ ସମାଧାନ ହୋଇପାରିବ, ସେ ନେଇ ଆଲୋଚନା କରିଥିଲେ । ଅନ୍ୟପକ୍ଷରେ ପ୍ରକୃତ ନିୟନ୍ତ୍ରଣରେଖାରେ

ସ୍ଥିତି ଶାନ୍ତିପୂର୍ଣ୍ଣ ରଖିବା ଲାଗି ଆଲୋଚନା ହୋଇଥିଲା । ଉଭୟ ପକ୍ଷ ରାଜନୈତିକ ଏବଂ ସୁରକ୍ଷା ମାଧ୍ୟମରେ ଶାନ୍ତି ବଜାୟ ରଖିବା ଲାଗି ସହମତ ହୋଇଥିଲେ ।

---

## ୱାକଫ୍ ମିଟିଂ

ନୂଆଦିଲ୍ଲୀରେ ଆଜି ୱାକଫ ସଂଶୋଧନ ବିଧେୟକ-୨୦୨୪ ସମ୍ବନ୍ଧୀତ ଯୁଗ୍ମ ସଂସଦୀୟ କମିଟିର ବୈଠକ ବସିବ। ବୈଠକରେ ବିଭିନ୍ନ ପକ୍ଷଙ୍କ ପରାମର୍ଶ ଏବଂ ପ୍ରସ୍ତାବ ଉପରେ ଆଲୋଚନା ପର୍ଯ୍ୟାଲୋଚନା ହେବ ବୋଲି ଜଣାପଡ଼ିଛି । ଲୋକସଭା ସଚିବାଳୟର ସୂଚନା ମୁତାବକ ମୁମ୍ବାଇର ଅଲ୍ ଇଣ୍ଡିଆ ସୁନୀ ଜମାୟୁତୁଲ୍ଲ ଉଲେମା ଏବଂ ନୂଆଦିଲ୍ଲୀର ଇଣ୍ଡିଆନ୍ ମୁସଲିମ୍ ଫର୍ ସିଭିଲ୍ ରାଇଟ୍ସ ଆଜିର ବୈଠକରେ ସେମାନଙ୍କର ମତ ଉପସ୍ଥାପନ କରିବେ । ଏହି ସଂସଦୀୟ ଯୁଗ୍ମ କମିଟି ଲୋକସଭା ସାଂସଦ ଜଗଦମ୍ବିକା ପାଲ୍ଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଛି । ୱାକଫ୍ ବିଧେୟକ ସଂପର୍କରେ କମିଟି ପକ୍ଷରୁ ସାଧାରଣ ନାଗରିକ, ସ୍ୱୟଂସେବୀ ପ୍ରତିଷ୍ଠାନ, ବିଶେଷଜ୍ଞ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ଠାରୁ ପରାମର୍ଶ ଓ ପ୍ରସ୍ତାବ ଆହ୍ୱାନ କରାଯାଇଥିଲା । ଚଳିତମାସ ୨୨ ତାରିଖରେ କମିଟିର ପ୍ରଥମ ବୈଠକ ବସିଥିଲା । ୩୧ ଜଣିଆ ଏହି ଯୁଗ୍ମ କମିଟିରେ ଲୋକସଭାରୁ ୨୧ ଜଣ ଏବଂ ରାଜ୍ୟସଭାରୁ ୧୦ଜଣ ସାଂସଦ ସଦସ୍ୟ ରହିଛନ୍ତି ।

ୱାକଫ ସଂଶୋଧନ ବିଧେୟକ-୨୦୨୪ର ଉଦ୍ଦେଶ୍ୟ ହେଉଛି ୱାକଫ୍ ସମ୍ପତ୍ତିର ସୁପରିଚାଳନା ଏବଂ ପରିଚାଳନାଗତ କ୍ଷମତା ବୃଦ୍ଧି

କରିବା । ଏହି ବିଧେୟକରେ ୧୯୯୫ର ଓ୍ୱାକଫ ଅଧିନିୟମ ନାମ ପରିବର୍ତ୍ତନ କରାଯାଇ ଏକୀକୃତ ଓ୍ୱାକଫ ପ୍ରବନ୍ଧନ କରିବାକୁ ପ୍ରସ୍ତାବ ରହିଛି ।

ଲୋକସଭା ଓ୍ୱେବ୍‌ସାଇଟ୍‌ରେ ଏହି ବିଧେୟକର ଉଭୟ ହିନ୍ଦୀ ଏବଂ ଇଂରାଜୀ ପ୍ରତିଲିପି ଉପଲବ୍ଧ ହେଉଛି ।

ସୂଚନାଯୋଗ୍ୟ ସଂସଦର ବଜେଟ୍  ଅଧିବେଶନ କାଳରେ ଏହି ବିଧେୟକ ଗୃହର ମଂଜୁରୀ ଲାଗି ଉପସ୍ଥାପନ କରାଯାଇଥିଲା । କିନ୍ତୁ ଏହାକୁ ବିରୋଧ କରାଯିବା ପରେ ସଂସଦୀୟ ଯୁଗ୍ମ କମିଟିକୁ ବିଚାର ଲାଗି ପଠାଯାଇଛି ।

# ପାରା ଅଲିମ୍ପିକ୍ସ

ପ୍ୟାରିସ୍ ପାରା ଅଲିମ୍ପିକ୍ସ କ୍ରୀଡ଼ାର ଆଜି ଦ୍ୱିତୀୟ ଦିନରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ୩ଟି ପ୍ରତିଯୋଗିତାରେ ପ୍ରଦର୍ଶନ କରିବେ । ବନ୍ଧୁକ ଚାଳନାରେ ଟୋକିଓ ପାରା ଅଲିମ୍ପିକ୍ସର ସ୍ୱର୍ଣ୍ଣପଦକ ବିଜେତା ଅବନୀ ଲେଖରା ଏବଂ ଅନ୍ୟ ୪ ଜଣ ଯୋଗ୍ୟତା ପର୍ଯ୍ୟାୟ ପାଇଁ ପ୍ରତିଦ୍ୱନ୍ଦିତା କରିବେ । ଆଜି ମଧ୍ୟ ୩ଟି ପାରା ଆଥଲେଟିକ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ । ମହିଳା ଡିସ୍‌କସ୍ ଥ୍ରୋ ରେ ଜ୍ୟୋତି କରନ୍ ଏବଂ ସାକ୍ଷୀ କସାନା, ୧୦୦ ମିଟର ମହିଳା ଦୌଡ଼ରେ ପ୍ରୀତି ପାଲ୍ ଏବଂ ପୁରୁଷ ସଟ୍‌ପୁଟ୍ ଥ୍ରୋ ରେ ମନୁ ପ୍ରତିଦ୍ୱନ୍ଦିତା କରିବେ । ଏହାଛଡ଼ା ଗତକାଲି ଆରମ୍ଭ ହୋଇଥିବା ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆଜି ମଧ୍ୟ ଜାରି ରହିବ ।